# NATIONAL NEWS BULLETIN (ODIA)

## 5 November - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଥିବା ବୌଦ୍ଧ ସମ୍ମିଳନୀରେ ଭାଗ ନେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରଚାରକାର୍ଯ୍ୟ ଜୋର୍‌ଦାର୍ ।
- ୨୦୨୫ ଓସ୍କାର ପୁରସ୍କାର ନିମନ୍ତେ ଏଫ୍.ଟି.ଆଇ.ଆଇ. ଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ର 'ସନ୍‌ଫ୍ଲାୱାର୍ସ୍ ୱୟାର୍ ଦ ଫାଷ୍ଟ୍ ୱାନ୍ସ ଟୁ ନୋ' ମନୋନୀତ ।
- ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ଚଳାଚଳ କରୁଛି ୧୪୫ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ।

ଏବଂ

- ଆମେରିକାର ନୂଆ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଆଜି ଅନୁଷ୍ଠିତ ହେବ ଭୋଟଗ୍ରହଣ ।

## ପ୍ରେଜ୍ ବୁଦ୍ଧିଷ୍ଟ ସମିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ପ୍ରଥମ ଏସୀୟ ବୌଦ୍ଧ ସମ୍ମିଳନୀରେ ଭାଗ ନେବେ । ଏହି ଦୁଇ ଦିନିଆ ସମ୍ମିଳନୀରେ ବୌଦ୍ଧ ଧର୍ମର ସମୃଦ୍ଧ ଐତିହ୍ୟ ବିଷୟରେ ଆଲୋଚନା ହେବ । ବୌଦ୍ଧ ଚିନ୍ତାଧାରାର ବିଶିଷ୍ଟ ପ୍ରତିନିଧି, ବିଦ୍ୱାନ ଏବଂ ଅନ୍ୟମାନେ ଏଥିରେ ସାମିଲ ହେବେ । ବୈଠକ କାଳରେ ବୌଦ୍ଧ ସମ୍ପ୍ରଦାୟ ସାମ୍ନା କରୁଥିବା ସମସ୍ୟା ଗୁଡ଼ିକର ସମାଧାନ ଉପରେ ସମ୍ମିଳନୀରେ ବିଚାର ବିମର୍ଶ କରାଯିବ । ସଂସ୍କୃତି ମନ୍ତ୍ରଣାଳୟର ଆନ୍ତର୍ଜାତିକ ବୌଦ୍ଧ ସଂଘ ସହଯୋଗରେ ଏହି ସମ୍ମିଳନୀ ଆୟୋଜନ କରାଯାଉଛି । ଚଳିତ ବର୍ଷ ଏହି ସମ୍ମିଳନୀର ବାର୍ତ୍ତା ରହିଛି 'ଏସିଆକୁ ସୁଦୃଢ଼ କରିବା କ୍ଷେତ୍ରରେ ବୌଦ୍ଧ ଧର୍ମର ଭୂମିକା' ।

## ଝାଡ଼ଖଣ୍ଡ କ୍ୟାମ୍ପେନିଂ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପ୍ରଚାର ନିମନ୍ତେ କ୍ଷମତାସୀନ ଦଳ ଏବଂ ବିରୋଧୀ ଦଳଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି । ବିଜେପିର ନିର୍ବାଚନ ସହ-ପ୍ରଭାରୀ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଭୋଟ୍ ବ୍ୟାଙ୍କ ସୃଷ୍ଟି କରିବା ଲାଗି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କୁ ସଂରକ୍ଷଣ ଦେଉଥିବା

ଅଭିଯୋଗ କରିଛନ୍ତି । ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଅଭିଯୋଗ କରିଛନ୍ତି, ବିଜେପି ୨୦୧୯ ଠାରୁ ତାଙ୍କ ସରକାର ବିରୋଧରେ ଷଡ଼ଯନ୍ତ୍ର କରୁଛି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ରାଞ୍ଚି ଏବଂ ଲୋହରଦଗା ଠାରେ ନିର୍ବାଚନୀ ଜନସଭାକୁ ସମ୍ବୋଧନ କରିବେ । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜାମସେଦପୁର ଏବଂ କୋଡ଼ରମାରେ ଏନ୍.ଡି.ଏ. ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ହଜାରିବାଗ୍ ଜିଲ୍ଲାର ମାଣ୍ଡୁ ଏବଂ ରାଞ୍ଚିର କାଙ୍କେର୍ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ଝାଡ଼ଖଣ୍ଡ ବିଧାନସଭାର ୮୧ଟି ଆସନ ପାଇଁ ୨ଟି ପର୍ଯ୍ୟାୟରେ ଚଳିତ ମାସ ୧୩ ଓ ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ ।

## ଏଫ୍‌ଟିଆଇଆଇ-ଓସ୍କାରସ୍

୨୦୨୫ ଓସ୍କାର ପୁରସ୍କାର ନିମନ୍ତେ କ୍ଷୁଦ୍ର ଚଳଚ୍ଚିତ୍ର ବର୍ଗରେ ଭାରତୀୟ ଚଳଚ୍ଚିତ୍ର ଏବଂ ଟେଲିଭିଜନ୍ ପ୍ରତିଷ୍ଠାନର ଛାତ୍ରଙ୍କ ଦ୍ୱାରା ନିର୍ମିତ ଚଳଚ୍ଚିତ୍ର 'ସନ୍‌ଫ୍ଲାୱାର୍ସ୍ ଓୟାର୍ ଦ ଫାଷ୍ଟ୍ ୱାନ୍ସ ଟୁ ନୋ' ମନୋନୀତ ହୋଇଛି । କନ୍ନଡ଼ ଭାଷାରେ ନିର୍ମିତ ଏହି ଚଳଚ୍ଚିତ୍ରକୁ ଏଫ୍.ଟି.ଆଇ.ଆଇ.ର ଛାତ୍ର ଚିଦାନନ୍ଦ ଏସ୍. ନାୟକ ନିର୍ଦ୍ଦେଶନା

ଦେଇଛନ୍ତି । ଚଳଚ୍ଚିତ୍ରଟି ଭାରତୀୟ ଲୋକକଥା ଏବଂ ପରମ୍ପରା ଉପରେ ପର୍ଯ୍ୟବେଶିତ । ଚଳିତ ବର୍ଷ କାନ୍ସ ଚଳଚ୍ଚିତ୍ର ଉତ୍ସବରେ ପ୍ରଥମ ପୁରସ୍କାର ଜିତିଥିଲା । କାନ୍ସର ବିଚାରକମାନେ ଚଳଚ୍ଚିତ୍ରର କାହାଣୀ ଏବଂ ଦକ୍ଷ ନିର୍ଦ୍ଦେଶନାକୁ ପ୍ରଶଂସା କରିଥିଲେ ।

ଏହି ଚଳଚ୍ଚିତ୍ରରେ ସିନେମାଟୋଗ୍ରାଫିରେ ସୂରଜ ଠାକୁର, ସମ୍ପାଦନାରେ ମନୋଜ ଭି ଏବଂ ସାଉଣ୍ଡ ଡିଜାଇନ୍‌ରେ ଅଭିଶେକ କଦମ ରହିଛନ୍ତି । ଚଳଚ୍ଚିତ୍ରର କାହାଣୀରେ ଏକ ଗାଁର କୁକୁଡ଼ା ଚୋରି କରୁଥିବା ଜଣେ ବୃଦ୍ଧାଙ୍କ କଥା ପ୍ରଦର୍ଶିତ କରାଯାଇଛି । ବୃଦ୍ଧା ଜଣଙ୍କ କୁକୁଡ଼ା ଚୋରି କରିବା ପରେ ସୂର୍ଯ୍ୟ କିରଣ ବନ୍ଦ ହୋଇଯାଏ । ଯାହାଫଳରେ ସମସ୍ତଙ୍କ ମଧ୍ୟରେ ଅଶାନ୍ତି ଦେଖାଦିଏ । ପରେ ଏକ ଭବିଷ୍ୟବାଣୀ ଅନୁଯାୟୀ ମହିଳାଙ୍କ ପରିବାରରେ କ'ଣ ଘଟେ ତାହା ଏହି ଚଳଚ୍ଚିତ୍ରରେ ଦର୍ଶାଯାଇଛି ।

## ପିଏମ୍-କାନାଡ଼ା ଆଟାକ୍

କାନାଡ଼ାରେ ଏକ ହିନ୍ଦୁ ମନ୍ଦିର ଉପରେ ହୋଇଥିବା ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ରାଜଦୂତଙ୍କୁ ଧମକ ଦେବା ପାଇଁ ଚେଷ୍ଟା କରିବା ଭୀରୁତାର ପରିଚୟ । ସେ କହିଛନ୍ତି, ଏଭଳି ହିଂସାତ୍ମକ ଘଟଣା

ଦେଶର ସମ୍ପର୍କକୁ ଦୁର୍ବଳ କରିପାରିବ ନାହିଁ । କାନାଡ଼ା ସରକାର ଏହି ଘଟଣାରେ ନ୍ୟାୟ ସୁନିଶ୍ଚିତ କରିବା ଲାଗି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ରେଲୱେ-ସ୍ପେଶାଲ୍ ଟ୍ରେନ୍

ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଆଜି ରାଜଧାନୀ ଦିଲ୍ଲୀରୁ ଦେଶର ବିଭିନ୍ନ ଅଞ୍ଚଳକୁ ୨୨ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ସହର୍ସା, ଜୟନଗର, ପାଟନା ମୁଜାଫରପୁର, ଗୋରଖପୁର, ଦରଭଙ୍ଗା, ସିକନ୍ଦରାବାଦ ଏବଂ ମାଲଦା ଟାଉନ୍‌କୁ ଏହି ସବୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ଜଣାପଡ଼ିଛି । ରେଳବାଇ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଛଟ୍‌ପୂଜା ନିମନ୍ତେ ଯାତ୍ରୀମାନଙ୍କୁ ସୁବିଧାରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ଲାଗି ଚଳିତ ମାସ ୨ରୁ ୮ ତାରିଖ ମଧ୍ୟରେ ୧୪୫ଟିରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି, ଯେଉଁଥିରେ ପ୍ରତ୍ୟେକ ଦିନ ୨ଲକ୍ଷରୁ ଅଧିକ ଯାତ୍ରୀ ସହଜରେ ଯାତ୍ରା କରିପାରୁଛନ୍ତି । ରେଳ ବିଭାଗ ପକ୍ଷରୁ ଯାତ୍ରୀ ଭିଡ଼କୁ ଲକ୍ଷ୍ୟ ରଖି ଗତମାସ ୧ ତାରିଖରୁ ଚଳିତ ମାସ ୩୦ ତାରିଖ ମଧ୍ୟରେ ୭ ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି । ଏହି ସମୟ ମଧ୍ୟରେ ପାଖାପାଖି ୧ କୋଟିରୁ ଅଧିକ ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ଲାଗି ବ୍ୟବସ୍ଥା କରାଯାଇଛି । ଗତବର୍ଷ ତୁଳନାରେ ଚଳିତ ବର୍ଷ ୨ହଜାର ୮୦୦ରୁ ଅଧିକ ଟ୍ରେନ୍ ବ୍ୟବସ୍ଥା

କରାଯାଇଛି । ଗତବର୍ଷ ପାର୍ବଣ ଋତୁରେ ୪ ହଜାର ୩୦୦ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଥିଲା ।

## ଶାହା-ହିନ୍ଦୀ ସମିତି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଭାରତ ହେଉଛି ଏକ ମାତ୍ର ଦେଶ ଯେଉଁଠି ୧୧ଟି ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯାଇଛି । ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ରୀୟ ହିନ୍ଦୀ ସମିତିର ୩୨ତମ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା କହିଛନ୍ତି, ହିନ୍ଦୀକୁ ସୁଦୃଢ଼ କରିବା ଲାଗି ଦୁଇଟି ପ୍ରମୁଖ ପଦକ୍ଷେପର ଆବଶ୍ୟକତା ରହିଛି । ହିନ୍ଦୀ ସାହିତ୍ୟକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ ଦେବା ତଥା ସମସ୍ତ ଆଧୁନିକ ପାଠ୍ୟକ୍ରମକୁ ହିନ୍ଦୀ ଓ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଇବା ଜରୁରୀ ବୋଲି ଶ୍ରୀ ଶାହା କହିଛନ୍ତି । ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ସଂସଦୀୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଉପସ୍ଥିତ ଥିଲେ ।

ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ହିନ୍ଦୀ ଭାଷାର ସହଜତା ଯୋଗୁଁ ଏହାକୁ ସାର୍ବଜନୀନ ଭାବେ ଗ୍ରହଣ କରିବା ଉପରେ ଗୁରୁତ୍ୱପ୍ରଦାନ

କରିଥିଲେ । ସେ କହିଥିଲେ, ହିନ୍ଦୀ ଓ ପ୍ରମୁଖ ଭାରତୀୟ ଭାଷା ଗୁଡ଼ିକର ବହୁଳ ବ୍ୟବହାର ଏବଂ ସୁରକ୍ଷା ନିମନ୍ତେ ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି ।

## ୟୁଏସ୍-ପ୍ରେଜ୍ ପୋଲ୍ସ

ଆମେରିକାର ନୂଆ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଆଜି ମତଦାନ ଅନୁଷ୍ଠିତ ହେବ । ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ କମଳା ହାରିସ୍‌ଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାର ସମ୍ଭାବନା ରହିଛି । ଭାରତୀୟ ସମୟ ଅନୁଯାୟୀ ଆଜି ସନ୍ଧ୍ୟା ୫ଟାରୁ ୭ଟା ୩୦ ମିନିଟ୍ ମଧ୍ୟରେ ମତଦାନ ଆରମ୍ଭ ହେବ ଏବଂ ଆସନ୍ତାକାଲି ସକାଳ ୫ଟା ୩୦ରୁ ୯ଟା ୩୦ ମଧ୍ୟରେ ମତଦାନ ଶେଷ ହେବ । ଏହି ନିର୍ବାଚନ ପାଇଁ ସଂଖ୍ୟାଧିକ ମତଦାତା ପୂର୍ବରୁ ଡାକ ଜରିଆରେ ଭୋଟ ଦେଇସାରିଛନ୍ତି ।

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପରୋକ୍ଷ ନିର୍ବାଚନ ପ୍ରଣାଳୀ ଅନୁଯାୟୀ ହୋଇଥାଏ । ଏହାକୁ ଇଲେକ୍ଟୋରାଲ୍ କଲେଜ୍ କୁହାଯାଏ । ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ୫୩୮ଟି ଇଲେକ୍ଟୋରାଲ୍ କଲେଜ୍ ଭୋଟ୍‌ରୁ ୨୭୦ କିମ୍ବା ତାଠାରୁ ଅଧିକ ସଂଖ୍ୟକ ଭୋଟ୍ ଆବଶ୍ୟକ ପଡ଼ିଥାଏ । ଏହି ନିର୍ବାଚନର ଭୋଟ୍ ଗଣତି ଆସନ୍ତାବର୍ଷ ଜାନୁଆରୀ ୬

ତାରିଖରେ ହେବ । ଯେଉଁ ପ୍ରାର୍ଥୀଙ୍କ ଭୋଟ୍ ସଂଖ୍ୟା ୨୭୦ ହେବ ସେ ରାଷ୍ଟ୍ରପତି ନିର୍ବାଚିତ ହେବ । ନୂଆ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ୨୦୨୫ ଜାନୁଆରୀ ୨୦ରୁ ଆରମ୍ଭ ହେବ ।

## ଆଇଟି ଆକ୍ଟ ସଜେସନ୍

ଆୟକର ଅଧିନିୟମରେ ସଂଶୋଧନ ନେଇ ଗତ ଏକ ମାସ ମଧ୍ୟରେ ବିଭାଗକୁ ୬ ହଜାର ୫୦୦ରୁ ଅଧିକ ପ୍ରସ୍ତାବ ମିଳିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆୟକର ଅଧିନିୟମ ୧୯୬୧ର ବ୍ୟାପକ ସମୀକ୍ଷା ନିମନ୍ତେ ବିଚାର ବିମର୍ଷ ଲାଗି ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଏହା କହିଛନ୍ତି । ରାଜସ୍ୱ ସଚିବ ସଂଜୟ ମାଲହୋତ୍ରା, କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ୍‌ର ଅଧ୍ୟକ୍ଷ ରବୀ ଅଗ୍ରୱାଲ ଏବଂ ବୋର୍ଡର ବରିଷ୍ଠ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅର୍ଥମନ୍ତ୍ରୀ କହିଛନ୍ତି, ଆୟକର ଅଧିନିୟମ ସଂଶୋଧନ ନିମନ୍ତେ ୨୨ ଜଣିଆ ବିଶେଷଜ୍ଞଙ୍କୁ ନେଇ ଏକ ଉପ-କମିଟି ଗଠନ କରାଯାଇଛି ।

## ଟୁରିଜିମ୍ ଲଣ୍ଡନ

ଲଣ୍ଡନର ଏକ୍ସେଲ୍‌ରେ ଆଜିଠାରୁ ଆରମ୍ଭ ହେଉଥିବା ଓ୍ୱାର୍ଲ୍ଡ ଟ୍ରେବଲ୍ ମାର୍କେଟ୍‌ରେ ପର୍ଯ୍ୟଟନ ମନ୍ତ୍ରଣାଳୟ ଭାଗ ନେବ । ତିନି ଦିନ ଧରି ହେବାକୁ ଥିବା ଏହି ଆନ୍ତର୍ଜାତିକ କାର୍ଯ୍ୟକ୍ରମ ଆସନ୍ତା ୭ ତାରିଖରେ ଶେଷ ହେବ । ଏଥିରେ ରାଜ୍ୟ ସରକାର, ଟୁର୍ ଅପରେଟର୍, ବିମାନ ସେବା ଏବଂ ହୋଟେଲ୍ ଉଦ୍ୟୋଗ ସହ ଜଡ଼ିତ ଏକ ୫୦ ଜଣିଆ ପ୍ରତିନିଧି ଦଳ ସାମିଲ ହେବ । କାର୍ଯ୍ୟକ୍ରମ ସମୟରେ ଭାରତ ପକ୍ଷରୁ ସଂସ୍କୃତି, ଭାଷା ଏବଂ ପରମ୍ପରା ସମ୍ପର୍କିତ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ । ଚଳିତ ବର୍ଷ ଏହି ସମ୍ମିଳନୀରେ ବିବାହ ପର୍ଯ୍ୟଟନ, ପ୍ରୋତ୍ସାହନ, ସମ୍ମିଳନୀ, ପର୍ଯ୍ୟଟନ ପ୍ରଦର୍ଶନୀ ଏବଂ ମହାକୁମ୍ଭ ଆୟୋଜନ କରାଯାଉଥିବା ଜଣାପଡ଼ିଛି ।

## ସଫ୍ଟ-ଟେନିସ୍ ସିଲ୍‌ଭର

ଚୀନ୍‌ର ଜିଙ୍ଗ୍‌ସାନ୍ ଠାରେ ଚାଲିଥିବା ବିଶ୍ୱ ସଫ୍ଟ ଟେନିସ୍ ଚାମ୍ପିୟନ୍‌ସିପ୍‌ରେ ଭାରତର ତନୁଶ୍ରୀ ପାଣ୍ଡେ ରୌପ୍ୟ ପଦକ ହାସଲ କରିଛନ୍ତି । ଗତକାଲି ଅନୁଷ୍ଠିତ ୨୧ ବର୍ଷରୁ କମ୍ ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ତନୁଶ୍ରୀ, ଚୀନ୍ ତାଇପେଇର ଚିୟାଙ୍ଗ୍ ମିନ୍ ୟୁଙ୍କ ଠାରୁ ୩-୪ ସେଟ୍‌ରେ ପରାସ୍ତ ହୋଇଥିଲେ । ପୂର୍ବରୁ ତନୁଶ୍ରୀ ସେମିଫାଇନାଲ୍

ମ୍ୟାଚ୍‌ରେ ଜାପାନ୍ ପ୍ରତିଦ୍ୱନ୍ଦ୍ୱିଙ୍କୁ ୪-୩ ସେଟ୍‌ରେ ପରାସ୍ତ କରିଥିବା ବେଳେ କ୍ୱାର୍ଟର ଫାଇନାଲ୍‌ରେ ଚୀନ୍‌ର ପ୍ରତିଦ୍ୱନ୍ଦ୍ୱିଙ୍କୁ ମଧ୍ୟ ୪-୩ ସେଟ୍‌ରେ ପରାସ୍ତ କରିଥିଲେ ।

## ବାଂଲାଦେଶ ପେମେଣ୍ଟ ଫର୍ ଇଲେକ୍ଟ୍ରିସିଟି

୮୦ କୋଟି ଡଲାର୍‌ର ବାକିଆ ବିଦ୍ୟୁତ୍ ଦେୟ ଯୋଗୁଁ ଭାରତ ଆଦାନି ପାୱାର୍ ବାଂଲାଦେଶକୁ ବିଜୁଳି ଯୋଗାଣ ଅଧା କରିବା ପରେ ସେଠାକାର କମ୍ପାନୀ ବକେୟା ପ୍ରଦାନ ନିମନ୍ତେ ପ୍ରକ୍ରିୟା ଜୋର୍‌ଦାର କରିଛି । ବାଂଲାଦେଶର ଦୁଇ ଜଣ ବରିଷ୍ଠ ସରକାରୀ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି, ଅଦାନି ପାୱାରକୁ ଆଂଶିକ ଦେଶ ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଆଦାନି ପାୱାର୍ ବାଂଲାଦେଶକୁ ୧୦ ପ୍ରତିଶତ ବିଜୁଳି ଯୋଗାଣ କରୁଛି । ବାଂଲାଦେଶ ଶକ୍ତି ବିକାଶ ବୋର୍ଡ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବକେୟା ବିଦ୍ୟୁତ୍ ବିଲ୍ ପ୍ରଦାନ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଛି ଏବଂ ଆଦାନୀ ଗ୍ରୁପ୍‌କୁ ୧୭ କୋଟି ଡଲାର୍‌ର ଦେୟପତ୍ର ପୂର୍ବରୁ ପ୍ରଦାନ କରାଯାଇ ସାରିଛି । ପୂର୍ବ ଭାରତରେ ଆଦାନି ପାୱାର୍ ୧୬ଶହ ମେଗାୱାଟ୍ ବିଶିଷ୍ଟ କୋଇଲା ଆଧାରିତ ପ୍ରକଳ୍ପରୁ ବାଂଲାଦେଶକୁ ବିଜୁଳି ଯୋଗାଣ କରୁଛି ।

## ପାକ୍-ମେଜର ଆମେଣ୍ଡମେଣ୍ଟ

ପାକିସ୍ତାନର ନ୍ୟାସନାଲ୍ ଆସେମ୍ବ୍ଲିରେ ବିରୋଧୀ ଦଳଙ୍କ କଡ଼ା ବିରୋଧ ସତ୍ତ୍ୱେ ସେନା ପ୍ରମୁଖଙ୍କ ସହ ସଶସ୍ତ୍ର ସେବାର ପ୍ରମୁଖଙ୍କ କାର୍ଯ୍ୟକାଳ ୩ ବର୍ଷରୁ ୫ ବର୍ଷ ବୃଦ୍ଧି ନିମନ୍ତେ ଆଇନ୍‌ରେ ସଂଶୋଧନ କରାଯାଇଛି । ଏଥିସହିତ ସୁପ୍ରିମ୍‌କୋର୍ଟରେ ବିଚାରପତିଙ୍କ ସଂଖ୍ୟା ୨ ଗୁଣ କରିବା ସମ୍ପର୍କିତ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିବା କିଛି ଘଣ୍ଟା ପରେ ସିନେଟ୍‌ରେ ଏହାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଯଦି ରାଷ୍ଟ୍ରପତି ଆସିଫ୍ ଅଲ୍ଲି ଜର୍ଦ୍ଧାରୀ ଅନୁମୋଦନ ଲାଭ କରିଥିବା ବିଧେୟକକୁ ସ୍ୱୀକୃତି ପ୍ରଦାନ କରନ୍ତି ତେବେ ଏହା ଆଇନ୍‌ରେ ପରିଣତ ହେବ । ଗତକାଲି ନ୍ୟାସନାଲ୍ ଆସେମ୍ବ୍ଲିରେ ପାକିସ୍ତାନର ଆଇନ୍ ମନ୍ତ୍ରୀ ଆଜମ୍ ନଜିର୍ ତରାର ସେଠାକାର ସୁପ୍ରିମ୍‌କୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ସମ୍ପର୍କିତ ବିଧେୟକ ଆଗତ କରିଥିଲେ । ସେ କହିଥିଲେ, ସରକାର ବିଚାରପତିଙ୍କ ସଂଖ୍ୟା ୧୭ରୁ ୩୪କୁ ବୃଦ୍ଧି କରିବା ପ୍ରସ୍ତାବ ଦେଇଥିଲେ ।

## ଶ୍ରୀଲଙ୍କା-ପୋଷ୍ଟାଲ ଭୋଟିଂ

ଶ୍ରୀଲଙ୍କାରେ ସରକାରୀ କର୍ମଚାରୀ ଏବଂ ତିନି ସେନାର କର୍ମଚାରୀ ଆସନ୍ତା ସାଧାରଣ ନିର୍ବାଚନରେ ଡାକ ମତଦାନ ସୁବିଧା ବ୍ୟବହାର

କରିଛନ୍ତି । ୨୨୫ ଜଣ ସାଂସଦ ନିର୍ବାଚନ ନିମନ୍ତେ ଆସନ୍ତା ୧୪ ତାରିଖରେ ମତଦାନ ଅନୁଷ୍ଠିତ ହେବ । ସେଠାକାର ନିର୍ବାଚନ ଆୟୋଗ କହିଛନ୍ତି, ଡାକ ମତଦାନ ଜରିଆରେ ୭ ଲକ୍ଷ ୩୮ ହଜାର ସରକାରୀ କର୍ମଚାରୀ ମତଦାନ କରିପାରିବେ । ସେ କହିଛନ୍ତି, ଯେଉଁମାନେ ଆଜିସୁଦ୍ଧା ମତଦାନ କରିପାରି ନାହାନ୍ତି ସେମାନଙ୍କ ପାଇଁ ଚଳିତ ମାସ ୭ ଓ ୮ ତାରିଖରେ ସ୍ୱତନ୍ତ୍ର ବିକଳ୍ପ ମତଦାନ ସୁବିଧା ଉପଲବ୍ଧ ହେବ । ଚଳିତ ବର୍ଷ ସେପ୍ଟେମ୍ବରରେ ରାଷ୍ଟ୍ରପତି ନିର୍ବାଚନରେ ଏନ୍.ପି.ପି. ପ୍ରାର୍ଥୀ ଅନୁରା କୁମାରା ଦିଶାନାୟକେ ବିଜୟ ଲାଭ କରିଥିଲେ ।